# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**06nd November - 2024**

**News Editor : *Tapan Kumar Maharana***

********************************

***BBSR/R***

## ମୁଖ୍ୟମନ୍ତ୍ରୀ – ସମୀକ୍ଷା

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀମାନଙ୍କୁ ୩ ମାସର ଅଗ୍ରୀମ ଚାଉଳ ପ୍ରଦାନ କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକ୍ରିୟା ଅକ୍ଟୋବର ମାସ ପହିଲାରୁ ଆରମ୍ଭ ହୋଇଥିଲେ ମଧ୍ୟ ୪୦ ଲକ୍ଷ ପରିବାର ଏପର୍ଯ୍ୟନ୍ତ ଚାଉଳ ପାଇ ନ ଥିବାରୁ ସେମାନଙ୍କୁ ଚାଉଳ ତୁରନ୍ତ ବଣ୍ଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଇ-ଶ୍ରମିକ ବର୍ଗରେ ପଞ୍ଜୀକରଣ କରିଥିବା ସବୁ ଶ୍ରମିକଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ୍ କରିବାପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***BBSR/R***

## ଶ୍ରୀଅନ୍ନ ସମ୍ମିଳନୀ

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଚଳିତ ମାସ ୧୦ ଓ ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଦୁଇଦିନିଆ ଅନ୍ତର୍ଜାତୀୟ

ଶ୍ରୀଅନ୍ନ ଖାଦ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ । କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଗତକାଲି ଆୟୋଜିତ ଏକ ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦୈନନ୍ଦିନ ଜୀବନରେ ଶ୍ରୀଅନ୍ନ ଏବଂ ବିସ୍ତୃତ ଖାଦ୍ୟକୁ ସାମିଲ କରି ରାଜ୍ୟର କୃଷି ଐତିହ୍ୟକୁ ସୁରକ୍ଷା ଦେବା ସହ ନିଜକୁ ସୁସ୍ଥ ରଖିପାରିବା ।

***BBSR/R***

# ମୁଖ୍ୟ ଶାସନ ସଚିବ - ସମୀକ୍ଷା

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ମୁତାବକ କାର୍ଯ୍ୟକ୍ରମ ବ୍ୟୟ ତ୍ୱରାନ୍ୱିତ କରିବାପାଇଁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

***Desk***

# ଡି.ଜି.ପି. ସମ୍ମିଳନୀ

ଚଳିତ ମାସ ୨୯ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକମାନଙ୍କର ସମ୍ମିଳନୀ ଭୁବନେଶ୍ୱରରେ

ଅନୁଷ୍ଠିତ ହେବ । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ୍ ମହାନିର୍ଦ୍ଦେଶକ, ଗୁଇନ୍ଦା ନିର୍ଦ୍ଦେଶକ, ସି.ଆର୍.ପି.ଏଫ୍., ବି.ଏସ୍.ଏଫ୍., ସି.ବି.ଆଇ., ସି.ଆଇ.ଏସ୍.ଏଫ୍., ରେଳବାଇ ପୁଲିସ ସମେତ ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ କେନ୍ଦ୍ରୀୟ ପୁଲିସ ସଙ୍ଗଠନର ମହାନିର୍ଦ୍ଦେଶକମାନେ ସମ୍ମିଳନୀରେ ଯୋଗଦେବେ । ରାଜ୍ୟରେ ପ୍ରଥମ ଥରପାଇଁ ସର୍ବଭାରତୀୟ ସ୍ତରରେ ପୁଲିସ ମହାନିର୍ଦ୍ଦେଶକମାନଙ୍କର ସମ୍ମିଳନୀ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି ।

***Desk***

# ନୂଆ ଏନ୍.ଏ.ସି.

ରାଜ୍ୟରେ ପ୍ରସ୍ତାବିତ ୫୭ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ – ଏନ୍.ଏ.ସି. ଗଠନ ଏବଂ ୬ଟି ଏନ୍.ଏ.ସି.କୁ ପୌର ପରିଷଦ କରିବାପାଇଁ ରାଜ୍ୟ ସରକାର ଜିଲ୍ଲାପାଳମାନଙ୍କଠାରୁ ସୂଚନା ମାଗିଛନ୍ତି । ଜିଲ୍ଲାଗୁଡ଼ିକରୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଆସିବା ପରେ ଏନ୍.ଏ.ସି. ଏବଂ ପୌର ପରିଷଦ ସ୍ଥାପନ ନେଇ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି ।

*Desk*

# ବିର୍ସା ମୁଣ୍ଡା ଜୟନ୍ତୀ

ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜୟନ୍ତୀ ସମାରୋହ ଉଦ୍ଦେଶ୍ୟରେ ଗତ ସୋମବାରରୁ ଭୁବନେଶ୍ୱରରେ ଚାଲିଥିବା ରାଜ୍ୟସ୍ତରୀୟ ଚିତ୍ର କର୍ମଶାଳା ଆଜି ଉଦ୍‌ଯାପିତ ହେବ । ଉଦ୍‌ଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

*Desk*

# କଷ୍ଟେବଲ ମହାସଂଘ ନିର୍ବାଚନ

ଓଡ଼ିଶା ପୁଲିସ ହାବିଲ୍‌ଦାର, କନେଷ୍ଟବଲ ଓ ସିପାହି ମହାସଂଘର ନିର୍ବାଚନ ଚଳିତ ମାସ ୧୬ ତାରିଖରେ ଅନୁଷ୍ଠିତ ହେବ । ରାଜ୍ୟର ୩୪ଟି ପୁଲିସ୍ ଜିଲ୍ଲା, ୮ଟି ଓଡ଼ିଶା ସଶସ୍ତ୍ର ପୁଲିସ ବଳ ଏବଂ କ୍ରାଇମ୍ ବ୍ରାଞ୍ଚ୍, ସ୍ପେଶାଲ ବ୍ରାଞ୍ଚ୍, ଜି.ଆର୍.ପି.କୁ ମିଶାଇ ମୋଟ୍ ୫୦ଟି ପୁଲିସ୍ ଶାଖା ସଂଘର ନିର୍ବାଚିତ ପ୍ରତିନିଧିମାନେ ମହାସଂଘ ନିର୍ବାଚନରେ ଭୋଟ୍ ଦେଇ ସେମାନଙ୍କର ପ୍ରତିନିଧି ଚୟନ କରିବେ । ନିର୍ବାଚନ ଲାଗି ଗତକାଲି ୨ ଟି ପ୍ୟାନେଲ୍‌ର ପ୍ରାର୍ଥୀମାନେ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସୂଚନାଯୋଗ୍ୟ, ୨୦୧୭ ମସିହାରେ ପୁଲିସ ହାବିଲଦାର, କନେଷ୍ଟବଲ, ସିପାହି ମହାସଘର ନିର୍ବାଚନ ହୋଇଥିଲା ।

*Ganjam/R*

## ବିଜ୍ଞାନମେଳା

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍‌ର ଟାଙ୍ଗଣାପଲ୍ଲୀ ହାଇସ୍କୁଲ୍‌ରେ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବୈଜ୍ଞାନିକ ହେବାର ମନୋବୃତ୍ତି ନେଇ ଶିକ୍ଷା ଗ୍ରହଣ କରିବାପାଇଁ ବିଜ୍ଞାନମେଳା ଆୟୋଜନ କରାଯାଉଛି । ବିଜ୍ଞାନମେଳାରେ ଛତ୍ରପୁର ବ୍ଲକ୍‌ର ୪୭ଟି ବିଦ୍ୟାଳୟର ୯୯ ଜଣ ବିଦ୍ୟାର୍ଥୀ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ ।

*Kalahandi/R*

## ରଥଚକ ପ୍ରତିଷ୍ଠା

ପୁରୀରୁ ନିଆଯାଇଥିବା ୪ଟି ରଥଚକକୁ ଭବାନୀପାଟଣାସ୍ଥିତ ଭବାନୀଶଙ୍କର ମନ୍ଦିରରେ ପ୍ରତିଷ୍ଠା କରାଯାଇଛି । ଶ୍ରଦ୍ଧାଳୁମାନେ ମନ୍ଦିରରେ ଚଥଚକ ଦର୍ଶନର ସୁଯୋଗ ପାଇବା ସହ ହରଙ୍କ ମନ୍ଦିରରେ ହରିଙ୍କ ରଥଚକ ପ୍ରତିଷ୍ଠା ଏକ ଅପୂର୍ବ ସଂଯୋଗ ବୋଲି ମନ୍ଦିରର ପୂଜକ କହିଛନ୍ତି ।

***Bhadrak/R***

## ଭଦ୍ରକାଳୀ

ଭଦ୍ରକରେ ଅନୁଷ୍ଠିତ ହେଉଥିବା କାଳୀପୂଜା ଆଜି ଉଦ୍‌ଯାପନ ସହିତ ଯଜ୍ଞର ପୂର୍ଣ୍ଣାହୁତି ହେବ । ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀ ମହାଲକ୍ଷ୍ମୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ।  ଆସନ୍ତା ଶୁକ୍ରବାର କାଳୀମେଢ଼ ଭସାଣ ଅନୁଷ୍ଠିତ ହେବ ।

***Desk***

## ପାଣିପାଗ

ରାଜ୍ୟର କେତେକ ଅଞ୍ଚଳରେ ରାତି ତାପମାତ୍ରା କମୁଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ସେମିଳିଗୁଡ଼ା, ଜି. ଉଦୟଗିରି, ଦାରିଙ୍ଗିବାଡ଼ିରେ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ୍‌ରୁ କମ୍ ରହିଛି । ଉପକୂଳ ଅଞ୍ଚଳଗୁଡ଼ିକରେ ରାତି ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ଥିବା ଜଣାପଡ଼ିଛି । ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ସାମାନ୍ୟ ବର୍ଷାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

*****